# Prime Minister's Departure Statement ahead of his visit to Rome and Glasgow

October 28, 2021

## ରୋମ ଓ ଗ୍ଲାସଗୋ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବିବୃତ୍ତି

**ଅକ୍ଟୋବର 28, 2021**

ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘିଙ୍କ ଆମନ୍ତ୍ରଣ କ୍ରମେ 29-31 ଅକ୍ଟୋବର 2021 ଇଟାଲୀର ରୋମ ଏବଂ ଭାଟିକାନ ସିଟି ଗସ୍ତ କରିବି। ଏହା ପରେ ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ଆମନ୍ତ୍ରଣ କ୍ରମେ 1-2 ନଭେମ୍ବର 2021 ବ୍ରିଟେନର ଗ୍ଲାସଗୋ ଯାତ୍ରା କରିବି।

ମୁଁ ରୋମରେ 16 ତମ ଜି20 ନେତୃବର୍ଗଙ୍କ ଶିଖର ସମ୍ମିଳନୀରେ ଯୋଗଦେବି, ଯେଉଁଠାରେ ମୁଁ ଅନ୍ୟ ଜି20 ନେତମାନଙ୍କ ସହ ମହାମାରୀ, ନିରନ୍ତର ବିକାଶ ଏବଂ ଜଳବାୟୁ ପରିବର୍ତ୍ତନରୁ ବିଶ୍ୱ ଅର୍ଥନୈତିକ ଓ ସ୍ୱାସ୍ଥ୍ୟ ପୁନରୁଦ୍ଧାର ଉପରେ ଆଲୋଚନାରେ ଅଂଶଗ୍ରହଣ କରିବି। 2020 ରେ ମହାମାରୀ ଆରମ୍ଭ ହେବା ପରେ ଏହା ହେଉଛି ଜି20 ର ପ୍ରଥମ ବ୍ୟକ୍ତିଗତ ସମ୍ମିଳନୀ ଯାହା ଆମକୁ ସାମ୍ପ୍ରତିକ ବିଶ୍ୱ ପରିସ୍ଥିତିର ଆକଳନ କରିବାକୁ ଏବଂ ମହାମାରୀରୁ ଅନ୍ତର୍ଭୁକ୍ତ ଓ ସ୍ଥାୟୀ ଭାବରେ ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ତଥା ପୁନଃନିର୍ମାଣ ପାଇଁ ଜି20 କିପରି ଏକ ଇଞ୍ଜିନ ହୋଇପାରିବ ସେ ସମ୍ବନ୍ଧରେ ମତ ବିନିମୟ କରିବାକୁ ସୁଯୋଗ ପ୍ରଦାନ କରିବ।

ମୋର ଇଟାଲୀ ଗସ୍ତ ସମୟରେ ମୁଁ ଭାଟିକାନ ସିଟି ପରିଦର୍ଶନ କରିବି, ଧର୍ମଗୁରୁ ପୋପ୍ ଫ୍ରାନ୍ସିସଙ୍କୁ ସାକ୍ଷାତ କରିବି ଏବଂ ବିଦେଶ ସଚିବ ମାନ୍ୟବର କାର୍ଡିନାଲ ପିଟ୍ରୋ ପାରୋଲିନଙ୍କୁ ଭେଟିବି।

ଜି20 ଶିଖର ସମ୍ମିଳନୀ ଅବସରରେ ମୁଁ ଅନ୍ୟ ଅଂଶୀଦାର ଦେଶମାନଙ୍କର ନେତାଙ୍କ ସହ ମଧ୍ୟ ସାକ୍ଷାତ କରିବି ଏବଂ ସେମାନଙ୍କ ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତିର ସମୀକ୍ଷା କରିବି।

31 ଅକ୍ଟୋବରରେ ଜି20 ଶିଖର ସମ୍ମିଳନୀର ସମାପ୍ତି ପରେ ମୁଁ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ୟୁଏନଏଫସିସିସି) ଅନ୍ତର୍ଗତ ପାର୍ଟିମାନଙ୍କର 26 ତମ ସମ୍ମେଳନ (ସିଓପି-26) ରେ ଯୋଗଦେବା ପାଇଁ ଗ୍ଲାସଗୋ ଅଭିମୁଖେ ଯାତ୍ରା କରିବି। ମୁଁ 120 ରାଷ୍ଟ୍ର/ସରକାର ମୁଖ୍ୟମାନଙ୍କ ସହିତ 1-2 ନଭେମ୍ବର 2021 ରେ ଅନୁଷ୍ଠିତ ହେବାକୁଥିବା 'ବିଶ୍ୱ ନେତୃବର୍ଗଙ୍କ ଶିଖର ସମ୍ମିଳନୀ' (ଡବ୍ଲୁଏଲଏସ) ଶୀର୍ଷକ ସିଓପି-26 ର ଉଚ୍ଚସ୍ତରୀୟ ସେଗମେଣ୍ଟରେ ଅଂଶଗ୍ରହଣ କରିବି।

ପ୍ରକୃତି ଓ ପୃଥିବୀ ପ୍ରତି ଗଭୀର ସମ୍ମାନର ସଂସ୍କୃତି ସହିତ ସୁସମ୍ପର୍କରେ ବଞ୍ଚିବାର ଆମର ପରମ୍ପରା ଅନୁଯାୟୀ ଆମେ ସ୍ୱଚ୍ଛ ତଥା ଅକ୍ଷୟ ଶକ୍ତି, ଶକ୍ତି ଦକ୍ଷତା, ବୃକ୍ଷରୋପଣ ଏବଂ ଜୈବ ବିବିଧତା ବିସ୍ତାର କରିବା ପାଇଁ ମହତ୍ୱାକାଂକ୍ଷୀ ପଦକ୍ଷେପ ନେଉଛୁ। ଜଳବାୟୁକୁ ଅନୁକୂଳ କରିବା, ଜଳବାୟୁ ପରିବର୍ତ୍ତନର ପ୍ରକୋପ ହ୍ରାସ କରିବା ଏବଂ ଏଥିରେ ସ୍ଥିରତା ଆଣିବା ଏବଂ ବହୁପକ୍ଷୀୟ ମେଣ୍ଟ ଗଠନ କରିବା ପାଇଁ ଭାରତ ମିଳିତ ପ୍ରୟାସରେ ନୂତନ ରେକର୍ଡ ସୃଷ୍ଟି କରୁଛି। ସ୍ଥାପିତ ଅକ୍ଷୟ ଶକ୍ତି, ପବନ ଏବଂ ସୌର ଶକ୍ତି କ୍ଷମତା ଦୃଷ୍ଟିରୁ ଭାରତ ବିଶ୍ୱର ଶୀର୍ଷ ଦେଶମାନଙ୍କ ମଧ୍ୟରେ ରହିଛି। ମୁଁ ଡବ୍ଲୁଏଲଏସରେ ଜଳବାୟୁ ପରିବର୍ତ୍ତନକୁ ନେଇ କାର୍ଯ୍ୟ ଓ ସଫଳତା ଉପରେ ଭାରତର ଉତ୍କୃଷ୍ଟ ଟ୍ରାକ ରେକର୍ଡ ବିଷୟରେ ସୂଚନା ପ୍ରଦାନ କରିବି।

କାର୍ବନ ସ୍ପେସର ସମାନ ବଣ୍ଟନ, ହ୍ରାସ ଓ ଏହାକୁ ଅନୁକୂଳ କରିବା ଏବଂ ସ୍ଥିରତା ନିର୍ମାଣ ପଦକ୍ଷେପ, ଜଳବାୟୁ ଅର୍ଥକୁ ଗତିଶୀଳ କରିବା, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ ସବୁଜ ଓ ଅନ୍ତର୍ଭୂକ୍ତ ଅଭିବୃଦ୍ଧି ପାଇଁ ସ୍ଥାୟୀ ଜୀବନଶୈଳୀର ଗୁରୁତ୍ୱ ସହିତ ଜଳବାୟୁ ପରିବର୍ତ୍ତନ ସମସ୍ୟାର ବିସ୍ତୃତ ଭାବରେ ସମାଧାନ କରିବାର ଆବଶ୍ୟକତାକୁ ମଧ୍ୟ ମୁଁ ଉଲ୍ଲେଖ କରିବି।

ସିଓପି26 ସମ୍ମିଳନୀ ମଧ୍ୟ ସହଭାଗୀ ଦେଶମାନଙ୍କର ନେତା, ନବପ୍ରବର୍ତକ ଏବଂ ଆନ୍ତଃ-ସରକାରୀ ସଂଗଠନର ନେତାଙ୍କ ସମେତ ସମସ୍ତ ହିତାଧିକାରୀଙ୍କ ସହ ସାକ୍ଷାତ କରିବା ତଥା ଆମର ସ୍ୱଚ୍ଛ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବାର ସମ୍ଭାବନା ଅନୁସନ୍ଧାନ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିବ।

**ନୂଆଦିଲ୍ଲୀ**

**ଅକ୍ଟୋବର 28, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.